# ୧୯୪୭

କବି ରଘୁନାଥ ଦାସ

ଅଗଷ୍ଟ ପନ୍ଦର ଆଜି-

ପାଦେ ଏ ଯେ ସ୍ୱର୍ଣ୍ଣ ଲାଗେ ଅଭିନବ-ନୂତନ ସୋପାନ।

ଏହା ତଳେ ରହିଗଲା ଇତିହାସ-ଦୀର୍ଘ ଅଭିଯାନ...

ରହିଗଲା-

ତିନି ଶହ ବର୍ଷ ବ୍ୟାପୀ ମଣିଷର ଲହୁ ଆଉ ଲୁହ

ସତ୍ୟାଗ୍ରହ ମୁକ୍ତିକାମୀ ଜନତାର ଆଗ୍ନେୟ ବିଦ୍ରୋହ।

ରହିଗଲା-

ବିଲାତର ପ୍ରାଣହୀନ ପୁଞ୍ଜିପତି ଲୁବ୍‌ଧକ କୌଶଳ...

ଉତ୍ତମାଶା ଅନ୍ତରୀପ... ପଣ୍ୟପୋତ... କମ୍ପାନୀ ଅମଳ...

କ୍ଲାଇବ୍‌ର କୂଟନୀତି-ବଣିକର ସୁନେଲୀ ଚକ୍ରାନ୍ତ...

ମିର୍ଜାସିମ୍... ପାନିପଥ...ହେ ନବାବ, ହେ ଶିଖ ଦୁର୍ଦ୍ଦାନ୍ତ

ବାହଶାହା ଓ ପେଶବା। କର ସନ୍ଧି, ନତକର ଶିର,

ଅର୍ଘ୍ୟ ଦିଅ ସିଂହାସନେ ଭାରତର ମାଂସ ଓ ରୁଧିର।

ରହିଗଲା-ପଦଲେହୀ କୁକୁରର ଜମିଦାର ପଦରେ ଲାଳସା,

ନାଲିସ୍...କ୍ରୋକି... ନିଲାମ ଚକ୍ରବୃଦ୍ଧି କ୍ରମେ ସୁଧକଷା।

ଦୁର୍ଭିକ୍ଷ ଓ ଅନଟନ... ମହାମାରୀ... ଅନ୍ଧାର ଅନ୍ଧାର,

www.jatayu.org

# ୧୯୪୭

କବି ରଘୁନାଥ ଦାସ

କଙ୍କାଳ,କାଙ୍ଗାଳ ଆର୍ତ୍ତ କୋଟି କୋଟି କଣ୍ଠେ ହାହାକାର।

ଅସହାୟେ ଗ୍ରାମବାସୀ କାନ୍ଦେ ଯେବେ, ଯେବେ ଛାଡ଼େ ରଡ଼ି

ତା ଲାଗି ସଜିଲ ଥିଲା ଲାଲ ଆଖି, ନାଲିଆ ପଗଡ଼ି।

ହେ ଲାଟ, ହେ ଜଙ୍ଗିଲାଟ, ହେ ସାହେବ, ହାକିମ ଓ ବାବୁ।

ୟାକୁ କି ଶାସନ କହି? ମଣିଷକୁ କରିବାକୁ କାବୁ

ଯେତେ ନାଗଫାଶ!

ସୁନାର ଏ ଦେଶ ହେଲା ଛାରଖାର, ହେଲା ସର୍ବନାଶ!

ସର୍ବହରା ଆମେ ସର୍ବେ-ଲୁଟିଛି ତ ଧନ ମାନ ଶ୍ରମ-

ଜୀବନେ ସମ୍ବଳ ମାତ୍ର-ପ୍ରିୟ ଅତି-ବିଶ୍ବାସର ଧର୍ମ।

ସକଳ ଦେଇଛୁଁ ବଳି, ଧର୍ମେ କିନ୍ତୁ କରିବୁନି ତ୍ୟାଗ-;

ହେ ସିପାହୀ... ଧର୍ମ୍ମରଣେ ଉଠ ମାତି, ଜାଗ ବୀର ଜାଗ!

ରହିଗଲା-

କେତେ ଗୁଳି, ବର୍ଛାମୁନ, ଲାଠିମାଡ଼, ହତ୍ୟା ଆଉ ଫାଶୀ,

ଥାନା ଜେଲ୍... ଦେଶାନ୍ତର, ଅର୍ଡ଼ିନାନ୍‌ସ, ବାଆ ଓ ବତାସୀ,

ରଖିଗଲା ଦାଗ...

ଚୌରିଚୌରା ଓ ଇଞ୍ଚୁଡ଼ି, ଦାଣ୍ଡିଯାତ୍ରା, ଜାଲିଆନାବାଗ।

www.jatayu.org

# ୧୯୪୭

କବି ରଘୁନାଥ ଦାସ

ଜନତାର ଯାତ୍ରାପଥେ ବିଜୟର ବରମାଲ୍ୟ ତାହା-

ମୁକ୍ତିର ମଶାଲ ଜାଳି ତେଜିଉଠେ ଗାଆଁ ପରେ ଗାଆଁ

କଙ୍କାଳ କରିଛି ଦାବି, ବଂଚିବାର ନ୍ୟାଯ୍ୟ ଅଧିକାର...

ଆମରକ୍ତେ କେତେ କାଳ ରଞ୍ଜା ହେବ ତୁଚ୍ଛ ଦରବାର?

ଚଉପାଶେ ଆଇନର ଜାଲଛନ୍ଦା ଦାସତ୍ବ ଶୃଙ୍ଖଳ...

ଅମଙ୍ଗଳ ଏ ଶାସନ ଚାଲୁ ରଖେ ଶୋଷଣ କଳ।

ଏହା ସାଥେ ନାହିଁ ସହଯୋଗ-

ଏକଜୁଟ ହୁଅ ଭାଇ ଭାରତର ତ୍ରିଂଶକୋଟି ଲୋକ!!

ତ୍ରିଂଶକୋଟି ଭାରତୀୟ ଅନ୍ନହୀନ ସର୍ବହରା ଭାଇ,

କାଙ୍ଗାଳ ହୋଇଛି ଦେଶ-; ମୁଠେ ଲୁଣ ବଂଚିବାର ପାଇଁ

ଚାହୁଁ ଆମେ! ପ୍ରାଣ ଥାଉଁ ଖୋଲିବୁନି ଏ ମୁଠାର ଜାବ!

ବନ୍ଧୁକ ଆବାଜ୍ ଆଗେ ବକ୍ଷ ଖୋଲି ଦିଅଇ ଜବାବ

ଭାରତର ମୁକ୍ତି ସେନା-ସତ୍ୟାଗ୍ରହୀ-ତିଳେ ନାହିଁ ଭୟ;

ଉଲ୍ଲଙ୍ଗ ଫକୀର ଜଣେ ଆଗେ ଚାଲେ। 'ଜୟ ଜୟ ଗାନ୍ଧିଜୀର ଜୟ"।

www.jatayu.org

# ୧୯୪୭

କବି ରଘୁନାଥ ଦାସ

*        *      *

ହେ ଦୁରାତ୍ମା! ବଳର ଉପଳେ

ପାରିଛୁ କି ରୋଧି କେବେ ସତ୍ୟରଥ? ମିଥ୍ୟାର ଆଞ୍ଚଳେ

ବନ୍ଦୀ କରି କେ ରଖିଛି ତେଜସ୍ୱାନ୍ ସତ୍ୟର ସ୍ଫୁଲିଙ୍ଗ?

ଗର୍ଜି ଯେବେ ଉଠେ ସୁପ୍ତ ସିଂହ

ଉର୍ଣ୍ଣନାଭ ଶତକୋଟି ବିଷଜାଲ ବନ୍ଧିପାରେ ତାକୁ?

ହିମାଚଳ ନାହିଁ ଟଳେ ବାତାବର୍ତ୍ତ ପ୍ରଖର ନିଶ୍ୱାସେ।

ଆଲୋକର ଏକଶତ ଭେଦକରେ ଆଚ୍ଛନ୍ନ ଆକାଶେ,

...ଭସ୍ମ କରେ ବ୍ୟାପ୍ତ ଅନ୍ଧକାର;

ନ୍ୟାୟର ଭାସ୍ୱାନ୍ ରବି ହସିଉଠେ... ମହାନ୍; ଉଦାର,

ଗୌରବ ଉନ୍ନତ,

ପାବକେ- ପବିତ୍ର, ଦୀପ୍ତ, ଉଦ୍ଦୀପକ, ଜୀବନ୍ତ, ଅକ୍ଷତ;

ସ୍ପର୍ଦ୍ଧା ଥିଲା ତା'ର

ଫୁତ୍କାରେ ଲିଭାଇ ଦେବ ଅଗ୍ନିଶିଖା ଏକ ପ୍ରଦୀପରେ,

ରୋଷଭରେ କ୍ଷେପି ଦେଲେ ଭୂମିପରେ ସତ୍ୟବୀଜ ଗୋଟି

ଲୁପ୍ତ ତାହା ହୁଏ ନାହିଁ, ଉତ୍ପାଦନ କରେ କୋଟି କୋଟି;

www.jataayu.org

# ୧୯୪୭

କବି ରଘୁନାଥ ଦାସ

ସତ୍ୟ ଆଉ ନ୍ୟାୟ ଲାଗି ଭାରତର ସଂଗ୍ରାମ ଦୁନ୍ଦୁଭି

ବନ୍ଧୁକ ଆବାଜ ତଳେ ଡୁବି ନାହିଁ, ପାରିବନି ଡୁବି;

ତାହା ପାଞ୍ଚଜନ୍ୟ...

ବଜ୍ରକଣ୍ଠେ ଘୋଷେ ତାହା ମୁକ୍ତିବାର୍ତ୍ତା... ଦାସତ୍ବର ଦୈନ୍ୟ

କଙ୍କାଳରେ କରେ ସେ ଯେ ଆଶୀର୍ବାଦ, ଦିଏ ଜୀବନ୍ୟାସ,

ଦୁର୍ବଳରେ ବଳଦିଏ, ଅତ୍ୟାଚାରୀ ପ୍ରାଣେ ଆଣେ ତ୍ରାସ,

ପୁଣ୍ୟ ଏ ସଂଗ୍ରାମେ ସୈନ୍ୟ ନାହିଁ ମରେ-

ବର୍ଷୁ ଗୁଳି ବକ୍ଷେ ତାର, ସିଦ୍ଧ ସେ ଯେ, କେ କରିବ ବଳୀ

ମରି ଯେ ହୁଏ ଅମର, ସ୍ମୃତିଦୀପ୍ତ, ସେ ହୁଏ ସହୀଦ୍।

***

ଅଗଷ୍ଟ ପନ୍ଦର ଆଜି ।

ଆଜି-

ଦୀର୍ଘ ଅମାବ୍ୟାପୀ ମର୍ମନ୍ତୁଦ କରାଳ ଦୁଃସ୍ବପ୍ନ

ଯାଇଅଛି ଭାଜି ।

www.jataayu.org

# ୧୯୪୭

କବି ରଘୁନାଥ ଦାସ

ଶୁଣ

ବାଜି ଉଠେ ଲଳିତ ନିକ୍ବଣ,

ପ୍ରଭାତର ପାଦକ୍ଷେପେ... ଜ୍ୟୋତିର୍ମୟୀ କଲ୍ୟାଣୀ ପ୍ରଭାତ...

କଣ୍ଠୁ ତାର ଝରିପଡ଼େ ଶାନ୍ତିସୁଧା, ମଧୁ ଆଶୀର୍ବାଦ...

ଜନତାର ଜୟଟୀକା ଘେନି ଶୋଭା ପ୍ରଶାନ୍ତ ଲଲାଟ-

-ତା'ର!

ଏ ଶୁଭ ସକାଳ ବନ୍ଧୁ ଯୁଗେ ଯୁଗେ ରହିବ ବିରାଟ... ।

ଭଲଲାଗେ ମୋତେ ଆଜି ଏ ସକାଳ... ଏ ବାୟୁମଣ୍ଡଳ...

ମନେହୁଏ ମୋର ଯେହ୍ନେ-

ଏ ଉଜ୍ଜ୍ଵଳ ଉଷାର ଗର୍ଭେ ହସିଉଠେ ଅଯୁତ ମଙ୍ଗଳ...

ଭଲଲାଗେ ମୋତେ ଏହି ଶୋଭାଯାତ୍ରା... ହର୍ଷ, ଜୟଧ୍ବନି...

ଆଜିଠାରୁ ଲେଖାଯିବ ଭାରତର ନୂତନ ଜୀବନ ।

ଅତିପ୍ରିୟ ଲାଗେ ଜଗତର ବିପୁଳ ଜନତା ।

ଅନ୍ଧାର ଯୁଗର ପରେ ଆସିଅଛି ମଙ୍ଗଳ ପ୍ରଭାତ

ଭାରତର ଉପକୂଳେ ତାହାରେ ମୁଁ ଜଣାଏ ସ୍ବାଗତ ।

ଯାତ୍ରୀ ସାବଧାନ ।

www.jatayu.org

# ୧୯୪୭

କବି ରଘୁନାଥ ଦାସ

ତୋର ଏହି ଯାତ୍ରାପଥେ ନୁହେଁ ଏ ଯେ ଅନ୍ତିମ ସୋପାନ ।

ସଂଗ୍ରାମ ତୋ ସରିନି ଏବେ ବି;

ଏବେ ମଧ ଉର୍ଦ୍ଧ୍ବେ ତୋର ଜନତାର ରକ୍ତମାଂସ ଲୋଭୀ

ଗୁଧ୍ରପଲ ଚକ୍ରମାରେ; ଝାମ୍ପିନିଏ ଶ୍ରମିକର ଆୟୁ,

ଏବେ ମଧ ଭାତଥାଳୀ ଭାଗକରେ ମାଲିକ ଓ ସାହୁ!!

ଆଜି ମଧ ଭାରତର ଗ୍ରାମବାସୀ ଶୋଇଛି ଉପାସେ;

କାଲି ସେ ହୋଇବ ଛନ୍ଦି ପ୍ରାଣନାଶୀ କଳା ନାଗପାଶେ ।

ତାହାରି ଦଂଶନେ ପୁଣି ଏ ସମାଜେ ଜଳୁଥିବ ନିଆଁ

ଅତୃପ୍ତ ଧରଣୀ ପରେ ଉପୁଜାଇ ସହସ୍ର କଜିଆ ।

ଭାରତର ସିଂହାସନେ ଲାଳାୟିତ କଂସର ଦାୟାଦ

ଆଲୋକର ସଦ୍ୟଜାତ ଶିଶୁଟିର ରୋଧିବାକୁ ଶ୍ବାସ

ଚାଲିଛି ଚକ୍ରାନ୍ତ ଗୂଢ଼, ରୋଧିବାକୁ ଜୀବନ ବିକାଶ ।

ତେଣୁ ଯାତ୍ରୀ, ଆଗୁଁ ହୁସିଆର ।

ଜାଗ୍ରତ ଜନତା ମେଳେ ଚାଲ ବନ୍ଧୁ, ହୁଅ ଆଗୁସାର ।

ମୁକ୍ତିର ନିଶାଣ ତୋଳ ଉର୍ଦ୍ଧ୍ବେ ନଭେ;

ଏ ରଙ୍ଗା ସକାଳ...

ଜୀବନର ଅଧିକାରୀ ଯେତେ ଆମ ବଞ୍ଚିତ କଙ୍କାଳ ।

www.jatayu.org

Powered by Tekons

# ୧୯୪୭

କବି ରଘୁନାଥ ଦାସ

ମୁକ୍ତକଣ୍ଠେ ଗାଅ ସର୍ବେ ' ଜନତାର ଜୟ';

ଏ ଜୀବନ ହେଉ ସତ୍ୟ, ହେଉ ପୂର୍ଣ୍ଣ, ହେଉ ଶାନ୍ତିମୟ ।

www.jataayu.org